# କାହିଁକି ସାମ୍ପ୍ରଦାୟିକ ନିରୋଧ ଏବଂ ହିଂସା ପ୍ରଣୋଦିତ (ନ୍ୟାୟ ଏବଂ ପ୍ରତିକାର ପାଇଁ ) ବିଲର ବିରୋଧ ହେବା ଉଚିତ ।

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟ ସଭା**

ଦୁଇ ବର୍ଷ ପୂର୍ବେ ରାଷ୍ଟ୍ରୀୟ ଉପଦେଷ୍ଟା ପରିଷଦ ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଏକ ଡ୍ରାଫ୍ଟ ବିଲ ଦାଖଲ କରିଥିଲା । ତାହା ଥିଲା ସାମ୍ପ୍ରଦାୟିକ ନିରୋଧ ଓ ହିଂସା ପ୍ରଣୋଦିତ ବିଲ । ଏହାକୁ ପରାମର୍ଶ ପାଇଁ ଇଣ୍ଟରନେଟକୁ ଛଡ଼ା ଯାଇଥିଲା । ମୁଁ ମଧ୍ୟ ଏହା ନେଇ ଦୃଢ଼ ସମୀକ୍ଷା ଉପସ୍ଥାପନା କରିଥିଲି । ଯଦି ପାର୍ଲିଆମେଣ୍ଟ ଏପରି ନିୟମ ଲାଗୁ କରେ ତେବେ ତାହା ରାଜ୍ୟ ମାନଙ୍କର କ୍ଷମତାର ପରିସରରେ ନିଶ୍ଚିତ ଭାବରେ ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି କହିବା ସହ ଏହା ଅତ୍ୟନ୍ତ ପ୍ରଭେଦ ଯୁକ୍ତ ବୋଲି ମଧ୍ୟ ପ୍ରକାଶ କରିଥିଲି । ଏଥିରେ ଜନ୍ମ ହାରରେ ସଂଖ୍ୟା ଗରିଷ୍ଠ ଓ ସଂଖ୍ୟା ଲଘୁଙ୍କ ମଧ୍ୟରେ ପ୍ରଭେଦର ପ୍ରାଚୀର ଠିଆ କରାଇବା ନିତ୍ୟାନ୍ତ ଜରୁରୀ । ଏହା ଧର୍ମକୁ ଅଧାର କରି ଏକ ନିର୍ଦ୍ଧିଷ୍ଟ ସମ୍ପ୍ରଦାୟ ପାଇଁ ଏକ ଅଙ୍କୁଶ ବିହୀନ କ୍ଷମତା ପ୍ରଦାନ କରୁଛି କହିଲେ ମଧ୍ୟ ଚଳିବ । ୨୦୧୧ ରେ ଏନ.ଏ.ସି ବୈଠକରେ ବହୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏହା ସଙ୍ଘୀୟ ଢ଼ାଞ୍ଚ ଉପରେ କୁଠାରଘାତ କରୁଛି ବୋଲି କହି ପ୍ରତିବାଦ କରିଥିଲେ ।

ମାତ୍ର ଠିକ ଲୋକସଭା ନିର୍ବାଚନ ପୂର୍ବରୁ ଦେଶକୁ ସାମ୍ପ୍ରଦାୟିକ ରଙ୍ଗରେ ରଙ୍ଗାଇବାକୁ ଗୃହ ମନ୍ତ୍ରାଳୟ କୌଣସି ପାର୍ଟିର ଓ ଷ୍ଟକ ହୋଲ୍ଡରଙ୍କ ପରାମର୍ଶ ବିନା ଏହାକୁ ଲାଗୁ କରାଇବାର ଅପଚେଷ୍ଟା ଚଳାଇଛି ।

ଗତ କାଲି ୨.୧୨.୨୦୧୩ ରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଜୟ ଲଳିତା ଏହାକୁ ବିରୋଧ କରି ପ୍ରଧାନ ମନ୍ତ୍ରୀଙ୍କ ପାଖକୁ ଏକ ଚିଠି ଲେଖିଥିଲେ । ଶୀତ ଅଧିବେଶନର ଶେଷରେ ଡ଼ି.ଏମ. କେ ଏକ ସର୍ବ ଦଳୀୟ ବୈଠକରେ ଉକ୍ତ ପ୍ରସଙ୍ଗ ଉପସ୍ଥାପନା କରିଥିଲେ । ସେଠାରେ ମଧ୍ୟ ଶ୍ରୀମତୀ ଜୟ ଲଳିତା ପୁନର୍ବାର ଦୃଢ଼ ପ୍ରତିବାଦ କରିଥିଲେ ଏବଂ କହିଥିଲେ କି, ଏହା ଦ୍ୱାରା ରାଜ୍ୟ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବା ସହ ଦେଶର ସଙ୍ଘୀୟ ଢ଼ାଞ୍ଚା ନଷ୍ଟ ହେବ । ଏଥିରେ ଥିବା ବହୁ ତଥ୍ୟ ଅସ୍ୱଷ୍ଟ ଓ ଏହାକୁ ବହୁଳ ପରିମାଣରେ ଅପବ୍ୟବହାର କରାଯାଇ ପାରେ ବୋଲି ମଧ୍ୟ ପ୍ରକାଶ କରିଥିଲେ । ସେ ପୁଣି କହିଥିଲେ କି, ଭୟ ଦେଖାଇ ଦମନ କରିବା ଦ୍ୱାରା ବହୁ ଆକ୍ରମଣାତ୍ମକ

ପରିବେଶ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଅଛି । ଏଥିରେ ସରକାରୀ ଚାକିରିଆଙ୍କ କାର୍ଯ୍ୟ ପଛାରେ ଅଙ୍କୁଶ ଲଗାଇ ତାଙ୍କୁ ଏକ ପ୍ରକାରରେ ବନ୍ଧୁକ ମୁନରେ ରଖା ଯାଇଅଛି । ନୂତନ ଡ୍ରାଫ୍ଟ ଅନୁଯାୟୀ ରାଜ୍ୟ କୌଣସି ସମସ୍ୟାର ସମାଧାନ ଦେବା ବେଳେ କେନ୍ଦ୍ର ସେଥିରେ ହସ୍ତକ୍ଷେପ କରିପାରେ । ପରିଶେଷରେ ସେ କହିଥିଲେ କି, ଭାରତ ସରକାର ଏପରି ଭ୍ରାନ୍ତ ଉପଦେଶ, ଅନଗ୍ରସର ଭାବନା ସାମ୍ବିଧାନିକ ପରିସର ବାହାରେ ଥିବା ନୀତି ନିୟମକୁ ଲାଗୁ କରି ସଙ୍ଘୀୟ ଢ଼ାଞ୍ଚାକୁ ନଷ୍ଟ କରିବାରେ ଲାଗିଛନ୍ତି ।

ଉକ୍ତ ବିଲଟି ଏ ପର୍ଯ୍ୟନ୍ତ ସର୍ବ ସାଧାରଣଙ୍କ ପାଖୁ ଆସିନାହିଁ । ତାମିଲ ନାଡୁର ମୁଖ୍ୟମନ୍ତ୍ରୀ ଏହାକୁ ଜନତାଙ୍କ ତର୍କର ପରିସରକୁ ଆଣିଛନ୍ତି । ହେଲେ ଦେଶର ସଙ୍ଘୀୟ ଢ଼ାଞ୍ଚାକୁ ବଜାୟ ରଖିବା ପାଇଁ ତାଙ୍କ ଉପସ୍ଥାପନା ଯଥାର୍ଥ ଓ ନ୍ୟାୟ ସଙ୍ଗତ ଅଟେ ।